# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**12 July– 2026**

---

# ନବଯୌବନ ଦର୍ଶନ

ପୁରୀ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ ଆସନ୍ତା ମଙ୍ଗଳବାର ଅନୁଷ୍ଠିତ ହେବ । ତେବେ ଠାକୁରଙ୍କର ସୀମିତ ସମୟ ଦର୍ଶନ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ କହିଛନ୍ତି । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକ ପରେ ଶ୍ରୀ ପାଢୀ କହିଛନ୍ତି, ଅପରାହ୍ନ ୨ଟାଠାରୁ ସାହାଣମେଳା ଦର୍ଶନ ଆରମ୍ଭ ହେବ । ୧୫ତାରିଖରେ ଅମାବାସ୍ୟା ଏବଂ ରଥଯାତ୍ରା ପାଇଁ ବିଶେଷ ନୀତିକାନ୍ତି ଥିବାରୁ ନବଯୌବନ ଦର୍ଶନକୁ ସୀମିତ କରିବା ପାଇଁ ନିଷ୍ପତ୍ତି ହୋଇଛି । ଚଳିତବର୍ଷ ପ୍ରତ୍ୟେକ ରଥ ପାଇଁ ଅଧିକ ଗୋଟିଏ ଲେଖାଏଁ ରଥଦଉଡି ରହିବ । ତିନି ରଥ ଉପରକୁ କୌଣସି ଅନଧିକୃତ ସେବାୟତଙ୍କ ଚଢିବା ଏବଂ ମୋବାଇଲ ଫୋନ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି ।

# ମହାନଦୀ ଜଳବିବାଦ

ମହାନଦୀ ଜଳବିବାଦର ଆପୋଷ ସମାଧାନ ଦେଇ ଉଭୟ ଓଡିଶା ଓ ଛତିଶଗଡ ସରକାର ସହମତି ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଏ ନେଇ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କୁ ଏକ ପ୍ରସ୍ତାବ ଦେଇଥିଲେ । ଏ ସମ୍ପର୍କରେ ସୂଚନା ଦେଇ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି, ଉଭୟ ରାଜ୍ୟର ସହମତି ସମ୍ପର୍କୀତ ତଥ୍ୟ ଟ୍ରିବୁନାଲକୁ ଅବଗତ କରାଯାଇଛି । କେନ୍ଦ୍ରୀୟ ଜଳ ଆୟୋଗଙ୍କ ସହଯୋଗକ୍ରମେ ଉଭୟ ରାଜ୍ୟ ଜଳ ଆବଣ୍ଟନର ସୂତ୍ର ବାହାର କରିବାକୁ ରାଜି ହୋଇଥିବା ସେ ସୂଚନା ଦେଇଛନ୍ତି ।

# ପୁରୀ-ଦ୍ୱାଦଶନୀତି

ଆଷାଢ କୃଷ୍ଣ ପକ୍ଷ ଦ୍ୱାଦଶୀ ତିଥିରେ ଅଣସର ଘରେ ଆଜି ଠାକୁରଙ୍କ ଦ୍ୱାଦଶୀନୀତି ପାଳନ କରାଯିବ । ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ସକାଳ ଧୂପନୀତି ଶେଷ ହେବା ମହାପ୍ରଭୁଙ୍କର ରାଜପ୍ରସାଦ ବିଜେନୀତି ଅନୁଷ୍ଠିତ ହେବ । ଗୁପ୍ତ ସେବା ସମୟରେ ଶ୍ରୀଅଙ୍ଗରୁ ବାହାର କରାଯାଇଥିବା ଚନ୍ଦନ, କରାଳ ଓ ପାଟଡୋରକୁ ରୂପା ଥାଳିରେ ପଟୁଆର ସହ ଦଇତାପତି ସେବକ ଶ୍ରୀନଅରକୁ ନେବେ । ସେଠାରେ ମହାପ୍ରଭୁଙ୍କ ସୁସ୍ଥତା ସମ୍ପର୍କରେ ଗଜପତିଙ୍କୁ ଅବଗତ କରାଇବା ସହ ଆଗାମୀ ରଥଯାତ୍ରା ନେଇ ଆଲୋଚନା ହେବ ।

# ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଥିବା ୬୭ଟି ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉନ୍ନୀତ କରିବାକୁ ନିଷ୍ପତ୍ତି ହୋଇଛି । ଏ ସଂକ୍ରାନ୍ତ ପ୍ରସ୍ତାବ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁମୋଦିତ ହୋଇଛି । ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ବିଭାଗ ପକ୍ଷରୁ ଓସେପାକୁ ନିର୍ଦ୍ଦେଶ ଦିଆଯାଇଛି । ବିଦ୍ୟାଳୟଗୁଡିକରେ ଆବଶ୍ୟକ ଭିତ୍ତିଭୂମିର ବିକାଶ, ଶିକ୍ଷକ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରକ୍ରିୟା ଶୀଘ୍ର ଶେଷ କରିବାକୁ  କୁହାଯାଇଛି ।

# ଏସ.ଜାନକୀଙ୍କ ପରଲୋକ

ଚଳଚ୍ଚିତ୍ର ଜଗତର ବିଶିଷ୍ଟ ପ୍ରଚ୍ଛଦପଟ ଗାୟିକା ଏସ. ଜାନକୀଙ୍କର ୮୮ବର୍ଷ ବୟସରେ ମହିଶୂରରେ ପରଲୋକ ହୋଇଛି । ହିନ୍ଦୀ ସମେତ ବିଭିନ୍ନ ଭାଷାରେ ସେ କଣ୍ଠଦାନ କରିଥିଲେ । ଓଡିଆ ଚଳଚ୍ଚିତ୍ର ଶିଳ୍ପ ସହିତ ତାଙ୍କର ଦୀର୍ଘ ସମ୍ପର୍କ ରହିଥିଲା । ପ୍ରାୟ ୭୦ଟି ଓଡିଆ ଗୀତ ସେ ଗାଇବା ସହ ୧୯୮୬ ମସିହାରେ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବେ ଓଡିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ । ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

# ଲକ୍ଷପତି ଦିଦି

ଡିଜିଟାଲ ଇଣ୍ଡିଆ କାର୍ଯ୍ୟକ୍ରମ  ଅଧୀନରେ ଇ-ସରସ ବ୍ୟାବସାୟିକ ପ୍ଲାଟଫର୍ମ ଦେଶର ଗ୍ରାମୀଣ ଉତ୍ପାଦ ଏବଂ ଉପଭୋକ୍ତାଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । କେନ୍ଦ୍ର ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ଅଧୀନରେ ଡିଜିଟାଲ ଇଣ୍ଡିଆ କର୍ପୋରେସନ୍ ଦ୍ୱାରା ଏହାକୁ ବିକଶିତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୮କୋଟି ୯୯ଲକ୍ଷରୁ ଅଧିକ ସ୍ବୟଂ ସହାୟକ ଗୋଷ୍ଠୀ ସଦସ୍ୟ ସାମିଲ ହୋଇଛନ୍ତି । ୨୦୨୯ ସୁଦ୍ଧା ଦେଶରେ ୬କୋଟି ଲକ୍ଷପତି ଦିଦି ସୃଷ୍ଟି ପାଇଁ ଲକ୍ଷ୍ୟ ରଖାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

# ତାଲିମ କାର୍ଯ୍ୟକ୍ରମ

ମାଲକାନଗିରି ଜିଲ୍ଲାରେ ମହିଳାଙ୍କୁ ବ୍ୟାବସାୟିକ କ୍ଷେତ୍ରରେ ଅଧିକ ସଶକ୍ତ କରିବା ଲକ୍ଷ୍ୟ ନେଇ ଖୁବ୍ ଶୀଘ୍ର ଏକ ସିଲେଇ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଗ୍ରାମାଞ୍ଚଳରେ ମହିଳାଙ୍କ ଆର୍ଥିକ ଉନ୍ନତି ଏବଂ ସ୍ୱାବଲମ୍ବୀ କରିବା ଲକ୍ଷ୍ୟନେଇ ବିଭିନ୍ନ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମକୁ ପ୍ରାଥମିକତା ପ୍ରଦାନ କରାଯାଉଛି ।

# ରେଳପ୍ରବନ୍ଧକଙ୍କ ଗସ୍ତ

ପୂର୍ବତଟ ରେଳପଥ ଅନ୍ତର୍ଗତ ରାୟଗଡା ଡିଭିଜନର ଡିଭିଜୋନାଲ ରେଳପ୍ରବନ୍ଧକ ଅମିତାଭ ସିଂଘଲ ଗତକାଲି ପାରଳାଖେମୁଣ୍ଡି ରେଳଷ୍ଟେସନ ଗସ୍ତ କରିଥିଲେ । ସେଠାରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ସ୍ଥିତି ନେଇ ସମୀକ୍ଷା କରିଛନ୍ତି । ଅମୃତ ଭାରତ ଷ୍ଟେସନ ଯୋଜନାରେ ଚାଲିଥିବା ଏହି ପୁନଃ ବିକାଶ ଆସନ୍ତା ୧୬ତାରିଖରେ ଉଦ୍‌ଘାଟନ ହେବାର କାର୍ଯ୍ୟସୂଚୀ ରହିଛି ।

# ସ୍ୱଂୟ ସହାୟକ ଗୋଷ୍ଠୀ

ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକର ସ୍ୱଂୟ ସହାୟିକା ଗୋଷ୍ଠୀର ଏକ ପ୍ରତିନିଧି ମଣ୍ଡଳୀ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକର ବିଭିନ୍ନ କ୍ଷୁଦ୍ର ଉଦ୍ୟୋଗ ବୁଲି ଦେଖିଛନ୍ତି । ବ୍ଲକର ଉପରପାଙ୍ଗା, ସାଙ୍ଗିଡିଆ ପଞ୍ଚାୟତରେ ରହିଥିବା ବିଭିନ୍ନ ପ୍ରୋସେସିଂ ୟୁନିଟ୍‌କୁ ସେମାନେ ବୁଲି ଦେଖିବା ସହ ଆଲୋଚନା କରିଛନ୍ତି ।

# ସୁବର୍ଣ୍ଣପୁର-ରଥଯାତ୍ରା

ସୁବର୍ଣ୍ଣପୁର ଜିଲ୍ଲା ପାତାଳୀ ଶ୍ରୀକ୍ଷେତ୍ର ଠାରେ ମଧ୍ୟ ତିନିଠାକୁରଙ୍କର ଅଣସର ଘରେ ଗୁପ୍ତନୀତି ଚାଲିଛି । ଠାକୁରଙ୍କୁ ଗତକାଲି ଦଶମୂଳ ଅର୍ପଣ କରାଯାଇଛି । ଆସନ୍ତା ୧୬ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବ ।

# ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ଥିବାରୁ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଅପରପକ୍ଷରେ ଗାଙ୍ଗେୟ ପଶ୍ଚିମବଙ୍ଗ ଓ ପାର୍ଶ୍ୱବର୍ତ୍ତୀ ବାଂଲାଦେଶ ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ଆଜି ସକାଳ ୬ଟା ସୁଦ୍ଧା ୬୧୧ ଦଶମିକ ୨/୯ ଫୁଟ ରହିଛି । ବର୍ତ୍ତମାନ ଜଳଭଣ୍ଡାରର ୩ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୪୯ ହଜାର ୫୯୧ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୭୩ ହଜାର ୬୬୬ ଘନଫୁଟ ଜଳ ନିଷ୍କାସିତ ହେଉଛି